**COLLECTORATE, ANGUL || ଜିଲ୍ଲାପାଳଙ୍କକାର୍ଯ୍ୟାଳୟ, ଅନୁଗୋଳ**

# DISTRICT NIZARAT SECTION,ANGUL

## ଜିଲ୍ଲାନିଜାରତଉପବିଭାଗ, ଅନୁଗୋଳ

Telephone : 06764-230567(O)/ 230234(R)/230685(F) || Website: www.angul.nic.inE-mail : dm-angul@nic.in

ନୋଟିସ ସଂଖ୍ୟା. ୪୪୩ / ନଥିସଂଖ୍ୟା. XXVI-୧/୨୩ ତା: ୨୦/୦୪/୨୦୨୩

ଏତଦ୍ୱାରା ଅନୁଗୋଳ ଜିଲ୍ଲାର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ, ଜିଲ୍ଲା କାର୍ଯ୍ୟାଳୟ ତରଫରୁ ସଭାଗୃହ ସଂଲଗ୍ନ ୧୮ ଗୋଟି ଦୋକାନ ଘର ଭଡା ସୂତ୍ରରେ ନିଲାମ ମାଧ୍ୟମରେ ଆବଣ୍ଟନ କରାଯିବା ପାଇଁ ସ୍ଥିର କରାଯାଇଅଛି । ଏଥି ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ ଆବେଦନ କରିପାରିବେ ।

୧) ଦୋକାନ ଘରଗୁଡିକ କେବଳ ବିନଷ୍ଟ ହେଉନଥିବା ଦ୍ରବ୍ୟ ଗୁଡିକ ପାଇଁ ଗୋଦାମଘର ଭାବରେ ବ୍ୟବହୃତ କରିବାପାଇଁ ଆବଣ୍ଟନ କରାଯିବ।

୨) ଇଚ୍ଛୁକ ଆବେଦନକାରୀ ଜିଲ୍ଲା କାର୍ଯ୍ୟାଳୟର ନିଜାରତ ଉପବିଭାଗରେଟ.୧୦୦୦.୦୦ଙ୍କା ଦାଖଲ କରି ତା ୨୧/୦୪/୨୦୨୩ ରିଖ ରୁ ତା ୨୯/୦୪/୨୦୨୩ ରିଖର ପ୍ରତି କାର୍ଯ୍ୟ ଦିବସର ପୂର୍ବାହ୍ନ ଘ.୮.୦୦ ରୁ ଅପରାହ୍ନ ଘ.୧.୦୦ ମଧ୍ୟରେ ଆବେଦନପତ୍ର ନେଇପାରିବେ।ଉକ୍ତ ଅର୍ଥ ଫେରସ୍ତ ହେବ ନାହିଁ ।

୩) ଆବେଦନକାରୀ ଆବେଦନ ପତ୍ରକୁ ସଠିକ ଭାବରେ ପୂରଣ ସହ ଆବଶ୍ୟକ କାଗଜାତ ସଂଲଗ୍ନ କରି ଯଉ ମୁଦା ଲଫାପାରେ ନିଜାରତ ଉପବିଭାଗରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ତା ୨୧/୦୪/୨୦୨୩ ରିଖ ରୁ ତା ୨୯/୦୪/୨୦୨୩ ରିଖ ମଧ୍ୟସ୍ତ ପ୍ରତି କାର୍ଯ୍ୟ ଦିବସର ପୂର୍ବାହ୍ନ ଘ.୮.୦୦ ରୁ ଅପରାହ୍ନ ଘ.୧.୦୦ ମଧ୍ୟରେ ପକାଇବେ। ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଆବେଦନ ପତ୍ରକୁ ବିଚାରକୁନିଆଯିବ ନାହିଁ ।

୪) ଆବେଦନ ପାଇଁ ଆବେଦନକାରୀ ଅନୁଗୋଳ ଜିଲ୍ଲାର ଅଧିବାସୀ ହୋଇଥିବା ଆବଶ୍ୟକ ।

୫) ଆବେଦନ ପତ୍ରସହ ଭୋଟର ପରିଚୟ ପତ୍ର / ଆଧାରକାର୍ଡ ,ଗୋଟିଏ ପାସପୋର୍ଟ ସାଇଜ ଫଟୋ, ଆବେଦନ ପତ୍ରର କ୍ରୟ ରସିଦ ଏବଂ ଜିଲ୍ଲାପାଳ ଅନୁଗୋଳଙ୍କ ନାମରେ ଟ.୧୦,୦୦୦ ଙ୍କାର ବ୍ୟାଙ୍କ ଡ୍ରାଫ୍ଟ ଅମାନତ ରାଶି ଆକାରରେ ଆବେଦନ ପତ୍ର ସହ ସଂଲଗ୍ନ କରିବା ଆବଶ୍ୟକ, ନଚେତ ଆବେଦନପତ୍ର ରଦ୍ଦ କରାଯିବ ।

୬) ପ୍ରତି ଦୋକାନ ଘର ପାଇଁ ଅମାନତ ରାଶି ଭାବରେ ଟ.୧,୦୦,୦୦୦ ଙ୍କା ସ୍ଥିର କରାଯାଇଅଛି ।

୭) ଏକଗୋଟି ଦୋକାନଘରର ଭଡା ନିମନ୍ତେ ନିଲାମ ପାଇଁ ସର୍ବନିମ୍ନ ମୂଲ୍ୟ ମାସିକ ଟ୫,୦୦୦ଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି । କିନ୍ତୁ ନିଲାମ ପାଇଁ ଡକାଯାଇଥିବା ସର୍ବାଧିକ ମୂଲ୍ୟକୁ ମାସିକ ଦେୟ ଭାବରେ ସ୍ଥିର କରାଯିବ ।

୮) ପ୍ରତି ୫ ବର୍ଷରେ ଦୋକାନ ଘରଗୁଡିକର ଭଡା ଦେୟ ସମ୍ବନ୍ଧରେ ପୁନରୀକ୍ଷଣ ( Revision) କରାଯିବ।

ଟେଣ୍ଡର ବାକ୍ସଟି ତା.୨୯/୦୪/୨୦୨୩ ରିଖ ଅପରାହ୍ନ ଘ.୩.୦୦ ସମୟରେ ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ ।

୧୦) ଯେଉଁ ଆବେଦନକାରୀଦୋକାନ ଘର ପାଇବାରୁ ବଞ୍ଚିତ ହେବେ, ସେମାନଙ୍କୁ ଆବେଦନ ପତ୍ର ସହ ସଂଲଗ୍ନ ଅମାନତ ରାଶିକୁ(ଟ.୧୦,୦୦୦ ଙ୍କା) ତୁରନ୍ତ ଫେରସ୍ତ ଦିଆଯିବ । ଯୋଗ୍ୟବିବେଚିତ ଆବେଦନକାରୀଙ୍କର ଉପରୋକ୍ତ ରାଶି ସ୍ଥିରୀକୃତ ଅମାନତ ରାଶିରେ (ଟ.୧,୦୦,୦୦୦ ଙ୍କା)ଆଡଜଷ୍ଟ କରାଯିବ,ଅର୍ଥାତ ତାଙ୍କୁ ଟ.୯୦,୦୦୦ ଙ୍କାର ବ୍ୟାଙ୍କ ଡ୍ରାଫ୍ଟ ଜିଲ୍ଲାପାଳ ଅନୁଗୋଳଙ୍କ ନାମରେ ୨ ଦିନ ମଧ୍ୟରେ ଅତ୍ର କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ ଏଥିରେ ବ୍ୟତିକ୍ରମ ହେଲେ ଆବେଦନକାରୀଙ୍କୁ ଅଯୋଗ୍ୟ ଘୋଷଣା କରାଯିବ ଏବଂ ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୧୧) ଦୋକାନଘରର ବିଦ୍ୟୁତ ଦେୟ ଦୋକାନ ପାଇଥିବା ହିତାଦିକାରୀ ବହନ କରିବେ ।

୧୨) ଦୋକାନଘର ବଣ୍ଟନର ପ୍ରଥମ ମାସରୁ ନିର୍ଦ୍ଧାରିତ ଭଡା ଲାଗୁ ହେବ ।

୧୩) ଜଣେ ବ୍ୟକ୍ତି ସର୍ବାଧିକ ଚାରିଗୋଟି ଦୋକାନ ଘର ପାଇଁ ଆବେଦନ କରିପାରିବେ ଓ ଏଥିପାଇଁ ତାଙ୍କୁ ପ୍ରତିଘର ପିଛା ଏକ ଆବେଦନ ପତ୍ର ଦେବାକୁ ହେବ ।

୧୪) ଆବେଦନକାରୀ ଜିଲ୍ଲା କାର୍ଯ୍ୟାଳୟର କର୍ତ୍ତୃପକ୍ଷଙ୍କୁ କୌଣସି କୋର୍ଟରେ ପକ୍ଷଭୁକ୍ତ କରିପାରିବେ ନାହିଁ ।

୧୫) ଏହି ଦୋକାନ ଗୃହକୁ ପାଇଥିବା ଆବେଦନକାରୀ ଅନ୍ୟକୌଣସି ବ୍ୟକ୍ତିଙ୍କୁ ଭଡା ସୂତ୍ରରେ ଲଗାଇପାରିବେନାହିଁ ।

୧୬) କୌଣସି କାରଣ ନ ଦର୍ଶାଇ କୌଣସି ଆବେଦନ କିମ୍ବା ସମସ୍ତ ଆବେଦନ ପତ୍ର ଗୁଡିକୁ ନାକଚ କରିବା ସଙ୍ଗେସଙ୍ଗେ ଉକ୍ତ ବିଜ୍ଞାପନକୁ ଖାରଜ କରିବାର ସମସ୍ତ ଅଧିକାର ଜିଲ୍ଲା କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ରହିବ ।

[signature] ୨୦/୦୪/୨୩

ଅତିରିକ୍ତ ଜିଲ୍ଲାପାଳ,ଅନୁଗୋଳ

ପରିପତ୍ର ସଂଖ୍ୟା ୪୦୪ ତା ୨୦/୦୪/୨୦୨୩

ଏହାର ଏକକିତା ନକଲ ଜିଲ୍ଲା କାର୍ଯ୍ୟାଳୟ,ଅନୁଗୋଳ/ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଜିଲ୍ଲା ପରିଷଦ, ଅନୁଗୋଳ/ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ / ଜିଲ୍ଲାର ସମସ୍ତ ତହସିଲକାର୍ଯ୍ୟାଳୟ / ଜିଲ୍ଲାର ସମସ୍ତ ବ୍ଲକକାର୍ଯ୍ୟାଳୟ / ଜିଲ୍ଲାର ସମସ୍ତ ପୌରନିଗମକାର୍ଯ୍ୟାଳୟ / ଜିଲ୍ଲାର ସମସ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀମାନଙ୍କକାର୍ଯ୍ୟାଳୟ / ତାମଡା କାର୍ଯ୍ୟାଳୟ, ଅନୁଗୋଳଙ୍କର ନୋଟିସ ବୋର୍ଡରେ ବହୁଳ ପ୍ରସାର ପାଇଁ ଅନୁରୋଧ କରାଗଲା ।

[signature] ୨୦/୦୪/୨୩

ଅତିରିକ୍ତ ଜିଲ୍ଲାପାଳ,ଅନୁଗୋଳ

ପରିପତ୍ର ସଂଖ୍ୟା ୪୯୪ ତା ୨୦/୦୪/୨୦୨୩

ଏହାର ଏକକିତା ନକଲ ଜାତୀୟ ସୂଚନା ଅଧିକାରୀ, ଅନୁଗୋଳଙ୍କ ବିହିତ ଅବଗତି ଏବଂ ବହୁଳ ପ୍ରସାର କରିବା ନିମନ୍ତେ ଅନୁରୋଧ କରାଗଲା ।

୨୦/୦୪/୨୩

ଅତିରିକ୍ତ ଜିଲ୍ଲାପାଳ,ଅନୁଗୋଳ

ପରିପତ୍ର ସଂଖ୍ୟା ୪୯୬ ତା ୨୦/୦୪/୨୦୨୩

ଏହାର ଏକକିତା ନକଲ ଉପ-ନିର୍ଦ୍ଦେଶକ(ବିଜ୍ଞାପନ), ସୂଚନା ଓ ଲୋକ ସଂପର୍କ ବିଭାଗ, ଓଡିଶା, ଭୁବନେଶ୍ୱର / ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଅନୁଗୋଳଙ୍କ ସଦୟ ଅବଗତି ଓ ବିଧିକାର୍ଯ୍ୟନିମନ୍ତେ ଜଣାଇ ଦିଆଗଲା । ଉକ୍ତ ନୋଟିସକୁ ୨ଗୋଟି ଆଞ୍ଚଳିକ ଖବରକାଗଜରେ ଏକ ଦିନ ପାଇଁ ପ୍ରକାଶ ତଥା ବହୁଳ ପ୍ରସାର କରିବା ନିମନ୍ତେ ଅନୁରୋଧ କରାଗଲା ଏବଂ ୨ଗୋଟି ଆଞ୍ଚଳିକ ଖବରକାଗଜରେ ଏଥିସହିତ ସଂଲଗ୍ନ ବିଜ୍ଞାପନଟି ୬" x ୫" ମଧ୍ୟରେ ରହିବା ଆବଶ୍ୟକ ।

ଅତିରିକ୍ତ ଜିଲ୍ଲାପାଳ,ଅନୁଗୋଳ